ଓଡିଶା ସରକାର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

........

# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ସମୀକ୍ଷା :

# ଆସନ୍ତା ମାସରେ ୬ଟି ଏସ୍‌·ଏନ୍‌·ସି·ୟୁ କାର୍ଯ୍ୟକ୍ଷମ ହେବ

# ୨୦୧୧ ମାର୍ଚ୍ଚ ସୁଦ୍ଧା ଆଉ ୬୫ ଟି ନୂତନ ୟୁନିଟ

ଭୁବନେଶ୍ୱର,ମଇ ୨୨,୨୦୧୦

ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଏଥି ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବହୁ ବିଧ କାର୍ଯ୍ୟ କ୍ରମ କାର୍ଯ୍ୟକାରୀ କରାଯାଉଛି । ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡିକର ଆନ୍ତରିକତାର ସହ କାର୍ଯ୍ୟକାରୀ କରାଯିବା ଫଳରେ ରାଜ୍ୟରେ ଶିଶୁ ମୃତ୍ୟୁହାର ୯୭ ରୁ ୬୯ କୁ ହ୍ରାସ ପାଇଛି ଏବଂ ଏହାକୁ ଆହୁରି କମ୍ କରିବା ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରହିଛି ।ଶିଶୁ ମୃତ୍ୟୁହାର ମଧ୍ୟରେ ଜନ୍ମରୁ ୨୮ ଦିନ ମଧ୍ୟରେ ମୃତ୍ୟୁ ବରଣ କରୁଥିବା ନବ ଜାତ ଶିଶୁଙ୍କ ହାର ଅଧିକ । ଏହାକୁ ରୋକିବା ନିମନ୍ତେ ଆନୁଷଙ୍ଗିକ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଉଛି । ଏ କ୍ଷେତ୍ରରେ ନବଜାତ ଶିଶୁ ଯତ୍ନ ୟୁନିଟ୍ ଏବଂ ନବ ଜାତ ଶିଶୁ କର୍ନର୍ ବିଶେଷ ସହାୟକ ହୋଇ ପାରିଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅନୁ ଗର୍ଗ ଆଜି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ପ୍ରକାଶ ଯେ ବର୍ତ୍ତମାନ ରାଜ୍ୟ ସରକାର , ୟୁନିସେଫ ଏବଂ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସହାୟତାରେ ବର୍ତ୍ତମାନ କ୍ୟାପିଟାଲ ହସପିଟାଲ , ବାରିପଦା , ରାଇରଙ୍ଗପୁର , ଉଦଳା , କରଞ୍ଜିଆ , କୋରାପୁଟ , ଜୟପୁର ଏବଂ କନ୍ଧମାଳଠାରେ ଲେବୁଲ୍-୨ର ୮ ଗୋଟି ନବ ଜାତ ଶିଶୁ ଯତ୍ନ ୟୁନିଟ୍ କାର୍ଯ୍ୟ କରୁଛି । ଏହି ସମସ୍ତ ୟୁନିଟ୍‌ରେ ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧାଜନ୍ମରୁ ୨୮ ଦିନ ମଧ୍ୟରେ ପୀଡ଼ିତ ପ୍ରାୟ ୬୫୦୦ରୁ ଉର୍ଦ୍ଧ୍ୱ ଶିଶୁ ଚିକିତ୍ସିତ ହୋଇଛନ୍ତି । ସେହିପରି ଆସନ୍ତା ଜୁନ ମାସରେ ସମ୍ବଲପୁର , ବୁର୍ଲା , ସୋନପୁର , ବାଲେଶ୍ୱର , ପୁରୀ ଏବଂ ରାୟଗଡାଠାରେ ଏହି ୟୁନିଟ୍ କାର୍ଯ୍ୟ କ୍ଷମ ହୋଇ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ୨୦୧୧ ମାର୍ଚ୍ଚ ମାସ ସୁଦ୍ଧା କେନ୍ଦୁଝର , ବଲାଙ୍ଗିର , ନୂଆପଡ଼ା , କଳାହାଣ୍ଡି , ନବରଙ୍ଗପୁର , ଏମ୍‌·କେ·ସି·ଜି ଏବଂ ଏସ୍‌·ସି·ବି ମେଡିକାଲ କଲେଜ୍ ଓ ହସପିଟାଲରେ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରହିଛି ।

ରାଜ୍ୟର ପ୍ରାୟ ୧୪୦ ଟି ସି·ଏଚ୍‌·ସି/ପି·ଏଚ୍‌.ସିକୁ ଫାଷ୍ଟ ରେଫେରାଲ ୟୁନିଟ୍‌ରେ ପରିଣତ କରାଯିବା ପାଇଁ ଏନ୍‌·ଆର୍‌·ଏଚ୍‌·ଏମ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସେଥିରୁ ବର୍ତ୍ତମାନ ପାଇଁ ୫୮ ଟିକୁ କରା ଯାଇ ସେହି ସବୁ ସ୍ଥାନରେ ଲେବୁଲ୍-୧ ନବଜାତ ଶିଶୁ ଯତ୍ନ ୟୁନିଟ୍ ପ୍ରତିଷ୍ଠା କରାଯିବା ପାଇଁ ଏନ୍‌·ଆର୍‌·ଏଚ୍‌·ଏମ୍ ପକ୍ଷରୁ ଆର୍ଥିକ ବ୍ୟବସ୍ଥା ହୋଇଛି । ଏହି ୫୮ ଟି ୟୁନିଟ୍ ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜ୍ୟରେ ପ୍ରାୟ ୫୧୦ଟି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଆନୁଷ୍ଠାନିକ ପ୍ରସବ କରାଯାଉଛି । ସେହି ସମସ୍ତ ଅନୁଷ୍ଠାନରେ ନବଜାତ ଶିଶୁ କର୍ନର୍ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଏଥିରୁ ୮୧ ରେ ପ୍ରତିଷ୍ଠିତ ହୋଇ ସାରି ଥିବା ବେଳେ ଆସନ୍ତା ଜୁନ ମାସ ମଧ୍ୟରେ ଆଉ ୧୩୪ଟି କାର୍ଯ୍ୟ କ୍ଷମ କରାଯିବ । ବାକି ୨୯୫ ରେ ପ୍ରତିଷ୍ଠା ପାଇଁ ଆସନ୍ତା ମାସ ଶେଷ ସୁଦ୍ଧା ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ ।

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ମିଶନ ନିର୍ଦ୍ଦେଶକ ଡାଃ ପ୍ରମୋଦ କୁମାର ମେହେର୍ଦ୍ଦା , ସ୍ୱତନ୍ତ୍ର ସଚିବ ଡାଃ ଦୁଃଶାସନ ମୁଦୁଲି ଏବଂ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡାଃ ନିର୍ମଳ କୁମାର ମିଶ୍ରଙ୍କ ସମେତ ଡି·ଏଫ୍‌·ଆଇ·ଡି , ୟୁଏନ୍‌ଏଫପିଏ ଆଦିର ପଦସ୍ଥ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

.............